# ପ୍ରଣାମ ନିବେଦନ

ଭକ୍ତି ପଥର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ପ୍ରଣାମ ନିବେଦନ । ଏହା ଦ୍ୱାରା ଭକ୍ତ ନିଜର ଶରଣାଗତି ଭାବ ପ୍ରକାଶ କରେ । ପରମେଶ୍ୱର ଭଗବାନ ଏବଂ ତାଙ୍କ ଭକ୍ତଙ୍କୁ ପ୍ରଣାମ ନିବେଦନ ବିଶେଷ ରୂପରେ ଦୁଇ ପ୍ରକାର ହୋଇଥାଏ । ***ସାଷ୍ଟାଙ୍ଗ ପ୍ରଣାମ*** -ପାଦ, ଆଣ୍ଠୁ, ହସ୍ତ, ବକ୍ଷ, ମସ୍ତକ ଅର୍ଦ୍ଧଉନ୍ମିଳିତ ଚକ୍ଷୁ, ମନ ଏବଂ ବାଣୀ, ***ପଞ୍ଚାଙ୍ଗ ପ୍ରଣାମ*** -ଆଣ୍ଠୁ, ହସ୍ତ, ମସ୍ତକ, ବୁଦ୍ଧି ଓ ବାଣୀ । ପ୍ରଣାମ କରିବା ସମୟରେ ନିର୍ଦ୍ଦିଷ୍ଟ ପ୍ରଣାମ ମନ୍ତ୍ର ତାଙ୍କୁ ଶୁଭିଲା ଭଳି ସ୍ୱରରେ ଉଚ୍ଚାରଣ କରିବା ଉଚିତ୍ । ମନ୍ଦିରକୁ ପ୍ରବେଶ ସମୟରେ ଏବଂ ମନ୍ଦିରରୁ ବାହାରିବା ସମୟରେ ଭଗବାନଙ୍କର ଶ୍ରୀ ବିଗ୍ରହକୁ ପ୍ରଣାମ କରିବା ଉଚିତ । ପ୍ରଥମେ ଶ୍ରୀଗୁରୁଦେବଙ୍କୁ ପ୍ରଣାମ ମାଧ୍ୟମରେ ଭଗବାନଙ୍କୁ ପ୍ରଣାମ ନିବେଦନ ତଥା ଯେକୌଣସି ବସ୍ତୁ ନିବେଦନ କରିବା ଉଚିତ୍ । ଶିଷ୍ଟାଚାର ଅନୁସାରେ ଇସ୍କନ୍ ମନ୍ଦିରରେ ପ୍ରବେଶ ସମୟରେ ପ୍ରଥମେ ଶ୍ରୀଲ ପ୍ରଭୁପାଦଙ୍କୁ ତତ୍ପରେ ଭଗବାନଙ୍କର ଶ୍ରୀବିଗ୍ରହଙ୍କୁ ପ୍ରଣାମ କରିବେ ଏବଂ ମନ୍ଦିରରୁ ବାହାରିବା ସମୟରେ ପ୍ରଥମେ ଭଗବାନ ଓ ପରେ ଶ୍ରୀଲ ପ୍ରଭୁପାଦଙ୍କୁ ପ୍ରଣାମ କରି ବାହାରିବେ । ଭଗବାନଙ୍କୁ ପ୍ରଣାମ କରିବାକୁ ହେଲେ ନିଜର ବାମପାର୍ଶ୍ୱେ ଭଗବାନଙ୍କୁ ରଖି ପ୍ରଣାମ କରିବାକୁ ହୁଏ ।

ଶ୍ରୀ ବିଗ୍ରହ ଦର୍ଶନ ପଦ୍ଧତି:- ପ୍ରଥମେ ପାଦପଦ୍ମରୁ କ୍ରମଶଃ ଜାନୁ, ଉଦର, ବକ୍ଷ, ଅବଶେଷେ ମୁଖପଦ୍ମଙ୍କୁ ଦର୍ଶନ କରିବା । ଭକ୍ତମାନଙ୍କୁ ପ୍ରଣାମ କଲେ ଆମର ଭକ୍ତି ବୃଦ୍ଧି ହୁଏ ଓ ପରସ୍ପର ମଧ୍ୟରେ ସ୍ନେହପୂର୍ଣ୍ଣ ସମ୍ବନ୍ଧ ସ୍ଥାପିତ ହୁଏ ଏବଂ ବିକାଶ ହୁଏ । ବୈଷ୍ଣବମାନେ ବାଞ୍ଛା କଳ୍ପତରୁ । ଭକ୍ତମାନଙ୍କୁ ଦିନରେ ଅନ୍ତତଃ ପ୍ରଥମ ଦର୍ଶନରେ ପ୍ରଣାମ କରିବେ, ଆନନ୍ଦିତ ହୋଇ ସ୍ୱାଗତ ଜଣାଇବେ, ସନ୍ନ୍ୟାସୀ ମାନଙ୍କୁ ଯେତେଥର ଦର୍ଶନ କରିବେ ସେତେଥର ପ୍ରଣାମ କରିବେ । ଦେବତା ମାନଙ୍କୁ ଦକ୍ଷିଣ ପାର୍ଶ୍ୱେ ରଖି ପ୍ରଣାମ କରିବେ । ସନ୍ନ୍ୟାସୀ ଏବଂ ଭକ୍ତମାନଙ୍କୁ ପ୍ରଣାମ ସମୟରେ ବୈଷ୍ଣବ ପ୍ରଣାମ ମନ୍ତ୍ର ଉଚ୍ଚାରଣ କରି ନିଜର ସମ୍ମୁଖରେ ରଖି ପ୍ରଣାମ କରିବେ । ଶ୍ରୀ ଗୁରୁଦେବଙ୍କୁ ଯେତେବେଳେ ଯେଉଁଠାରେ ଯେତେଥର ଦର୍ଶନ କରିବେ ତଥା ତାଙ୍କ ନିକଟକୁ ଯିବା ସମୟରେ ଏବଂ ତାଙ୍କ ନିକଟରୁ ଆସିବା ସମୟରେ ଗୁରୁଦେବଙ୍କ ନିର୍ଦ୍ଧାରିତ ପ୍ରଣାମ ମନ୍ତ୍ର ଉଚ୍ଚାରଣ ପୂର୍ବକ ସମ୍ମୁଖ ଭାଗରେ ସାଷ୍ଟାଙ୍ଗ ପ୍ରଣାମ କରିବାକୁ ହେବ ।

ଭକ୍ତମାନଙ୍କୁ ପ୍ରଣାମ କରିବା ସମୟରେ ପ୍ରତ୍ୟୁତ୍ତରରେ ସେ ମଧ୍ୟ ପ୍ରଣାମ ଜଣାନ୍ତି । ମାତ୍ର ଅତି ବରିଷ୍ଠ ଭକ୍ତ ପ୍ରତ୍ୟୁତ୍ତରରେ କନିଷ୍ଠ ଭକ୍ତଙ୍କୁ ପ୍ରଣାମ କରନ୍ତି ନାହିଁ । ତେଣୁ ଆଧ୍ୟାତ୍ମିକ ଜଗତରେ ପ୍ରଗତି କରିବା ପାଇଁ ସେ ତାଙ୍କୁ ଶୁଭେଚ୍ଛା ଏବଂ ଆଶିର୍ବାଦ ଜ୍ଞାପନ କରନ୍ତି । ସନ୍ନ୍ୟାସୀ ବୃନ୍ଦ ଓ ଗୁରୁବର୍ଗ ଏହି ଶିଷ୍ଟାଚାର ପାଳନ କରନ୍ତି । ଯଦି କୌଣସି ବୈଷ୍ଣବ ସହ ଅଶ୍ଳୀଳ ବା ଅନୁଚିତ ଶବ୍ଦର ବ୍ୟବହାର ହୋଇଯାଏ, ତେବେ ନିଜର ଭୁଲ୍ ହୃଦୟଙ୍ଗମ ହେଲା ପରେ ସେ ତତ୍କାଳ ସେହି ବୈଷ୍ଣବଙ୍କ ପାଖକୁ ଯାଇ ପ୍ରଣାମ ପୂର୍ବକ ତାଙ୍କଠାରୁ କ୍ଷମା ପ୍ରାର୍ଥନା କରିବେ । ଏହି ପ୍ରକାର ଆଚରଣରେ ପ୍ରୀତି ଓ ଶାନ୍ତି ବଜାୟ ରୁହେ ।

**ବି.ଦ୍ର.:** -ଶୟନ, ଭୋଜନ ଓ ସ୍ନାନ ଆଦି ସମୟରେ ପ୍ରଣାମ କରିବା ଅନୁଚିତ୍ । ମହିଳାମାନେ ସର୍ବଦା ପଞ୍ଚାଙ୍ଗ ପ୍ରଣାମ କରିବେ । ଭଗବାନଙ୍କ ଚିତ୍ର ଓ ନାମ ଛପାଯାଇଥିବା କୁର୍ତ୍ତା, ଟିସାର୍ଟ ଓ ନାମାବଳୀ ପରିଧାନ କରି କାହାରିକୁ ପ୍ରଣାମ କରିବେ ନାହିଁ । ଏହାକୁ ତଳେ ମଧ୍ୟ ରଖିବେ ନାହିଁ କିମ୍ବା ଏହା ଯେପରି କଟିଦେଶ ତଳକୁ ନଯାଏ ସେଥିପ୍ରତି ଧ୍ୟାନ ଦେବେ । ଜପମାଳା ଧରି ବା ଗଳାରେ ଝୁଲାଇ କାହାରିକୁ ପ୍ରଣାମ କରିବେ ନାହିଁ । ଉପଯୁକ୍ତ ସ୍ଥାନରେ ରଖି ପ୍ରଣାମ କରିବେ । ସୁବିଧା ନଥିଲେ ହାତରେ ଧରି କିମ୍ବା ପଛପଟ ମୁଣ୍ଡ ଉପରେ ରଖି ପ୍ରଣାମ କରିବେ । ଯେପରି ଜପ ବ୍ୟାଗ୍ ଭୂମି ସ୍ପର୍ଶ ନ କରେ ସେଥିପ୍ରତି ଧ୍ୟାନ ଦେବେ । କାହାର ପାଦରେ ହାତ ଛୁଇଁ ପ୍ରଣାମ କରିବା ପରେ ହାତ ନ ଧୋଇ ଜପ ବ୍ୟାଗରେ ଓ କୌଣସି ପବିତ୍ର ବସ୍ତୁରେ ହାତ ଦେବେ ନାହିଁ ।